# ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ।

ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଆଜି ଅପରାହ୍ନରେ ଜୁମ୍ ବୈଠକ ମାଧ୍ୟମରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ କରୋନା ମହାମାରୀ ପ୍ରକୋପ ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ ବହୁ ବାଧା ବିଘ୍ନକୁ ସାମ୍ନାକରି ନିଷ୍ଠାପର ଭାବରେ ଦାୟିତ୍ୱ ସମ୍ପାଦନ କରିଆସିଛନ୍ତି । ଜିଲ୍ଲାରୁ ସେପ୍ଟେମ୍ବର ମାସର ମଧ୍ୟବର୍ତ୍ତୀ ସମୟରେ ପ୍ରତିଦିନ ପାଖାପାଖି ୨୫୦ ଜଣ କୋଭିଡ ପଜିଟିଭ ଚିହ୍ନଟ ହେଉଥିଲେ । କିନ୍ତୁ ବର୍ତ୍ତମାନ ଏହି ସଂଖ୍ୟାରେ ବହୁତ ଅବନତି ଘଟିଛି । ଏଥିପାଇଁ ଗଣମାଧ୍ୟମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । କୋଭିଡ ନିୟମକୁ ଜିଲ୍ଲାର ସାମ୍ବାଦିକମାନେ ସବୁବେଳେ ସମ୍ମାନ ଜଣାଇ ଆସିଛନ୍ତି, ଏହାର ସୁପ୍ରଭାବ ସାଧାରଣ ଜନତାଂକ ଉପରେ ପଡୁଛି ବୋଲି ଜିଲ୍ଲାପାଳ ପ୍ରକାଶ କରିବା ସହିତ ସାମ୍ବାଦିକମାନଂକର ଉଚ୍ଚ ପ୍ରଶଂସା କରିଥିଲେ । ଏହି ବୈଠକରେ ମୁଖ୍ୟ ବକ୍ତା ଭାବରେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ଶାନ୍ତନୁ କୁମାର ସର ଯୋଗ ଦେଇ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମମାନେ କରୋନା ସମୟରେ ଦାୟିତ୍ୱର ସହିତ ସମ୍ବାଦ ପରିବେଷଣ କରିଆସିଛନ୍ତି । କିନ୍ତୁ ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ଦାୟିତ୍ୱ ସମ୍ପର୍ଣ୍ଣ ଖବର ପରିବେଷଣ ହୋଇନଥାଏ । ଏଥିପ୍ରତି ସମସ୍ତେ ସଚେତନ ହେବାକୁ ପଡିବ । ଗଣମାଧ୍ୟମ ବାହ୍ୟ ଶକ୍ତି ଦ୍ୱାରା ପ୍ରଭାବିତ ହେଲେ ଏହା ଗଣତନ୍ତ୍ର ପ୍ରତି ବିପଦ । ସାମ୍ବାଦିକ ସମ୍ବେଦନଶୀଳ ହେଲେ ଏହା ସମାଜ ପାଇଁ ମଙ୍ଗଳ ବୋଲି ମୁଖ୍ୟବକ୍ତା ପ୍ରକାଶ କରିଥିଲେ । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ସାମ୍ବାଦିକମାନେ ଯୋଗ ଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଓ ସହକାରୀ ଜିଲ୍ଲାପାଳ ଶ୍ରୀ ରଞ୍ଜନ କୁମାର ମହାନ୍ତି ଯୋଗ ଦେଇଥିଲେ । ଏହି ବୈଠକକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସୌରଭ ପ୍ରଧାନ ପରିଚାଳନା କରିଥିଲେ ।